## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୭୫ ● ପାଉଣ୍ଡ ୧୨୦.୦୩
- ୟୁରୋ ୧୦୨.୯୪ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୯,୪୫୦ (ଭୁବନେଶ୍ୱର)
- ରୁପା : ୨,୬୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୫,୦୪୧.୦୦
- ନିଫ୍ଟି ୨୬,୦୪୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତରେ ନିର୍ମାଣ ହେବ ସି-୧୩୦ଜେ ବିମାନ

## ଆମେରିକା ବାହାରେ ଲକ୍‌ହିଡ୍ ମାର୍ଟିନ୍‌ର ପ୍ରଥମ ମେଗା ହବ୍

ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି): ଭାରତରେ ନିର୍ମାଣ ହେବ ଯୁଦ୍ଧ ବିମାନ। ଆମେରିକାର ଏରୋସ୍ପେସ୍ କ୍ଷେତ୍ରର ପ୍ରମୁଖ କମ୍ପାନୀ ଲକ୍‌ହିଡ୍ ମାର୍ଟିନ୍ ଭାରତରେ ଏହି ବିମାନ ନିର୍ମାଣ କରିବ। କମ୍ପାନୀ ଆମେରିକା ବାହାରେ ଭାରତରେ ତା'ର ପ୍ରଥମ ମେଗା ହବ୍ ନିର୍ମାଣ କରିବାକୁ ବିଚାର କରୁଛି। ଲକ୍‌ହିଡ୍ ମାର୍ଟିନ୍ ନିଜର ସି-୧୩୦ ଜେ ସୁପର ହରକ୍ୟୁଲସ୍ ବିମାନ ଭାରତରେ ନିର୍ମାଣ କରିବାକୁ ଚାହୁଁଛି।





ଭାରତ ସାମରିକ ପରିବହନ ପାଇଁ ଅଧିକ ବିମାନ କ୍ରୟ ନିମନ୍ତେ ବିଚାର କରୁଛି। ଏଥିରେ ସରକାରଙ୍କା ୮୦ ଟି ପରିବହନ ବିମାନ କ୍ରୟ ଯୋଜନା ରହିଛି। ଆମେରିକାର ଏରୋସ୍ପେସ୍ କ୍ଷେତ୍ରର ପ୍ରମୁଖ କମ୍ପାନୀ ଲକ୍‌ହିଡ୍ ମାର୍ଟିନ୍ ନିଜର ସି-୧୩୦ ଜେ ହରକ୍ୟୁଲିସକୁ ଏଥିପାଇଁ ଭଲ ବିକଳ୍ପ ବୋଲି କହିଛି। ଏହା ସହିତ ଯଦି ଲକହିଡ ମାର୍ଟିନକୁ ଏହି ଅଫର ମିଳେ ତେବେ କମ୍ପାନୀ ଭାରତରେ ଏହି ବିମାନ ଉତ୍ପାଦନ କରିବାକୁ ପ୍ରସ୍ତୁତ। ଏଥି ପାଇଁ ସେ ଭାରତରେ ମେଗା ହବ ସ୍ଥାପନା କରିବ, ଯାହା ଆମେରିକା ବାହାରେ ପ୍ରଥମ ବୈଶ୍ୱିକ କେନ୍ଦ୍ର ହେବ।

ଭାରତୀୟ ବାୟୁ ସେନା (ଆଇଏଏଫ) ଏବେ ୧୨ଟି ସି-୧୩୦ ଜେ ବିମାନ ପରିଚାଳନା କରୁଛି। ଭାରତ ବ୍ୟତୀତ କ୍ୱାଡ୍‌ର ଅନ୍ୟ ୩ଟି ଦେଶ ଆମେରିକା, ଅଷ୍ଟ୍ରେଲିୟା ଓ ଜାପାନ ମଧ୍ୟ ସି-୧୩୦ ଜେ ବିମାନ ସଞ୍ଚାଳନ କରୁଛନ୍ତି। ଲକ୍‌ହିଡ୍ ମାର୍ଟିନ୍‌ର ଏୟାର ମୋବିଲିଟି ଓ ମେରିଟାଇମ ମିସନ ଉପାଧକ୍ଷ ପେଟ୍ରିସିୟା ଟ୍ରିସ୍ ପେଗନ କହିଛନ୍ତି ଯେ ଏହି ବିମାନ ଭାରତ ପାଇଁ ସବୁଠୁ ଭଲ ବିକଳ୍ପ ହେବ।

୨୦୨୨ରେ ଆଇଏଏଫ ସୋଭିଏତ ଯୁଗର ପୁରୁଣା ଏଏନ-୩୨ ଓ ଆଇଏଲ-୭୬ ସ୍କ୍ୱାଡ୍ରନ ବଦଳାଇବା ପାଇଁ ମଧ୍ୟମ ପରିବହନ ବିମାନ କ୍ରୟ ନିମନ୍ତେ ରିକ୍ୱେଷ୍ଟ ଫର ଇନଫର୍ମେସନ ଜାରି କରିଛି। ଏଥିରେ ଆଇଏଏଫ ପାଖାପାଖି ୮୦ଟି ସାମରିକ ବିମାନ କିଣିବାକୁ ଯୋଜନା କରିଛି। ବିପୁଳ ଅର୍ଥ ବ୍ୟୟରେ କ୍ରୟ ହେବାକୁ ଥିବା ଏହି ବିମାନ ନିମନ୍ତେ ରକ୍ଷା ଅଧିଗ୍ରହଣ ପରିଷଦ ଦ୍ୱାରା ଆଗାମୀ କିଛି ସପ୍ତାହରେ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି। ଆଇଏଏଫ୍‌କୁ ବିମାନ ବିକିବା ପାଇଁ ବ୍ରାଜିଲର ଏମ୍ବ୍ରେୟର କେସି-୩୯୦ ମିଲେନିୟମ ବିମାନ ଓ ଏୟାରବସ୍ ଡିଫେନ୍ସ ଆଣ୍ଡ ସ୍ପେସ୍ ର ଏ-୪୦୦ଏମ ବିମାନ ମଧ୍ୟ ଦୌଡରେ ସାମିଲ ଅଛନ୍ତି। ତେବେ ଆମେରିକା ପ୍ରତିରକ୍ଷା କ୍ଷେତ୍ରର ମୁଖ୍ୟ କମ୍ପାନୀ ଲକ୍‌ହିଡ୍ ମାର୍ଟିନ ସି-୧୩୦ ଜେ ସୁପର ହରକ୍ୟୁଲିସ ଲାଗି ବୋଲି ଲଗାଇବା ନିମନ୍ତେ ଟାଟା ଆଡଭାନ୍ସ ସିଷ୍ଟମସ ସହିତ ସହଭାଗିତା ସ୍ଥାପନ କରିଛି।

# ଭାରତରେ ବିମାନ ଇଞ୍ଜିନ ନିର୍ମାଣ କରିବ ରୋଲ୍ସ ରୟେସି

ନୂଆଦିଲ୍ଲୀ,୨୮।୧୨(ଏଜେନ୍ସି): ବିମାନ ଇଞ୍ଜିନ ଏବଂ ଲଗଜରୀ କାର ପାଇଁ ବେଶ ଜଣାଶୁଣା ବ୍ରିଟିଶ କମ୍ପାନୀ ରୋଲ୍ସ-ରୟେସି ଭାରତରେ ବିସ୍ତାର କରିବାକୁ ଚାହୁଁଛି। କମ୍ପାନୀ ଭାରତକୁ ନିଜର ୩ୟ ଘର ଭାବେ ବିକାଶ କରିବାକୁ ଚାହୁଁଛି। କାରଣ ରୋଲ୍ସ ରୟେସି ଭାରତରେ ବିମାନ ଇଞ୍ଜିନ ନିର୍ମାଣ କରିବାକୁ ଚାହୁଁଛି।

କମ୍ପାନୀ କହିଛି ଯେ ଜେଟ୍ ଇଞ୍ଜିନ, ନୌସେନା ପ୍ରପଲ୍ସନ, ଭୂମି ପ୍ରଣାଳୀ ଏବଂ ଉନ୍ନତ ଇଞ୍ଜିନିୟରିଂ ଭଳି ବିଭିନ୍ନ କ୍ଷେତ୍ରରେ ସୁଯୋଗକୁ ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବ। ଏକ ସାକ୍ଷାତକାରରେ, ରୋଲ୍ସ-ରଏସ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ଉପାଧକ୍ଷ ଶଶି ମୁକୁନ୍ଦନ କହିଛନ୍ତି ଯେ କମ୍ପାନୀ ଭାରତରେ ଏକ "ବଡ଼ ନିବେଶ" ଯୋଜନା କରୁଛି। ଏଥିରେ ଦେଶରେ ପରବର୍ତ୍ତୀ ପିଢ଼ିର ଏରୋ ଇଞ୍ଜିନ ନିର୍ମାଣ ପ୍ରାଥମିକତା ରହିଛି। ୟୁକେ ବ୍ୟତୀତ, ରୋଲ୍ସ- ରୟେସି ଆମେରିକା ଏବଂ ଜର୍ମାନୀକୁ ମଧ୍ୟ ନିଜର ହବ୍ ଭାବେ ବିବେଚନା କରେ। କାରଣ କମ୍ପାନୀର ଉଭୟ ଦେଶରେ ଏକ ଦୃଢ଼ ଉପସ୍ଥିତି ଏବଂ ଉତ୍ପାଦନ କାରଖାନା ରହିଛି। ମୁକୁନ୍ଦନ ଏହା ମଧ୍ୟ କହିଛନ୍ତି ଯେ ଭାରତୀୟ ନୌସେନା ପାଇଁ ବୈଦ୍ୟୁତିକ ପ୍ରପଲ୍ସନ କ୍ଷମତା ବିସ୍ତାରରେ ରୋଲ୍ସ-ରଏସ୍ ଏକ ଗୁରୁତ୍ୱପୂର୍ଣ୍ଣ





ଭୂମିକା ଗ୍ରହଣ କରିପାରିବ। ଏଏମ୍‌ସିଏ ପାଇଁ ରୋଲ୍ସ-ରଏସ୍ ସହିତ ଜେଟ୍ ଇଞ୍ଜିନ୍ ବିକାଶ ଭାରତକୁ ନୌସେନା ପ୍ରଚଳନ ପାଇଁ ଇଞ୍ଜିନ୍ ବିକାଶ କରିବାରେ ମଧ୍ୟ ସାହାଯ୍ୟ କରିପାରିବ, କାରଣ ଏହି କମ୍ପାନୀ ବିଶ୍ୱର କିଛି କମ୍ପାନୀ ମଧ୍ୟରୁ ଗୋଟିଏ ଯାହା ଏରୋ ଇଞ୍ଜିନକୁ ସାମୁଦ୍ରିକ ଇଞ୍ଜିନରେ ପରିବର୍ତ୍ତନ କରିବାରେ ସକ୍ଷମ।

# ଭିସାକା ଇଣ୍ଡଷ୍ଟ୍ରିଜ୍ ଏବଂ ମନୋନନ୍ଦା ସୋଲାର୍‌ର ବାର୍ଷିକ ବିଜ୍‌ନେସ ମିଟ୍

ଭୁବନେଶ୍ୱର ,୨୮।୧୨(ସମିସ): ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ଭିସାକା ଇଣ୍ଡଷ୍ଟ୍ରିଜ୍ ଏବଂ ମନୋନନ୍ଦା ସୋଲାରର ମିଳିତ ଆନୁକୂଲ୍ୟରେ ବାର୍ଷିକ ବିଜ୍‌ନେସ ମିଟ୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ମନୋନନ୍ଦା,ସିପିସିଓଡିଏଲ୍‌ର ଗାଇଡ୍ ଲାଇନ୍‌ରେ ଏବଂ ସହଭାଗିତାରେ ଦୀର୍ଘ '୬' ମାସରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ସୋଲାର ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅଟମ ଭିସାକା ରିଜିଓନାଲ ମାର୍କେଟିଂ ହେଡ୍ ପ୍ରବୀଣ ବେହେରା ସମ୍ମାନିତ ଅତିଥି ଭାବେ ଅଟମ ଭିସାକା ସେଲ୍ସ ହେଡ୍ ଶୁଭେନ୍ଦୁ ବସୁ, ଏବଂ ଶାରଦା ପ୍ରସାଦ ସାହୁ ଉପସ୍ଥିତ ଥିଲେ। ମନୋନନ୍ଦା ସୋଲାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପିନାକିନୀ ସାହୁ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଇଥିଲେ। ଏଥିରେ ସମଗ୍ର ଦେଶରେ



ସୋଲାର କିପରି ବ୍ୟାପକ ହୋଇପାରିଛି ସେ ସମ୍ପର୍କରେ ଭିସାକା ଇଣ୍ଡଷ୍ଟ୍ରିଜ୍‌ର ବରିଷ୍ଠ ଅଧିକାରୀମାନେ ଅବଗତ କରାଇଥିଲେ। ମନୋନନ୍ଦା ସୋଲାରର ପ୍ରୋଜେକ୍ଟ ହେଡ୍ ବିରଜା ଶଙ୍କର ସାହୁ ପରିବେଶ ଅନୁକୂଳ ବିଜୁଳି ପାଇବା ସହିତ କିପରି ଅର୍ଥ ସଞ୍ଚୟ ମଧ୍ୟ କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ମାଗଣା ବିଜୁଳି ଯୋଜନା ଯାହା ମାଧ୍ୟମରେ ସୋଲାର ପ୍ୟାନେଲ ବସାଇ ମାସକୁ ୩୦୦ ୟୁନିଟ ପର୍ଯ୍ୟନ୍ତ ଇଲେକ୍ଟ୍ରିସିଟି ବିଲ୍ ସଞ୍ଚୟ କରିପାରିବା। ଏଥିପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ସବସିଡି ମଧ୍ୟ ପ୍ରଦାନ କରୁଛନ୍ତି ଯାହା ଦ୍ୱାରା ପ୍ରଦୂଷଣ ମୁକ୍ତ ବିଦ୍ୟୁତ ଉତ୍ପାଦନ ସହିତ ପରିବେଶ ସୁରକ୍ଷା ମଧ୍ୟ ହୋଇପାରିବ। ତେବେ ଏହି ଯୋଜନା ଉପରେ ମନୋନନ୍ଦା ସୋଲାର ଟିପିସିଓଡିଏଲ ସହିତ ମିଳିତ ଭାବରେ କାର୍ଯ୍ୟ କରୁଛି। ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରି ସୋଲାର ପ୍ୟାନେଲ ବସାଇବା ପାଇଁ ଉତ୍ସାହିତ କରିଥିବା ୫ଜଣ ବ୍ୟକ୍ତି ବିଶେଷଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ମନୋନନ୍ଦା ସୋଲାର ନିର୍ଦ୍ଦେଶକ ଭରତ କୁମାର ସାହୁ ସମସ୍ତ କୋ ଅଡିନେଟରମାନଙ୍କର ସମସ୍ୟାର ସମାଧାନ ଉପରେ ଆଲୋଚନା କରିଥିଲେ।

**ଭାରତ-କାନାଡା ମୁକ୍ତ ବାଣିଜ୍ୟ ଚୁକ୍ତି**

# ପୁଣି କାନାଡା ଯିବେ ପୀୟୁଷ ଗୋୟଲ

ନୂଆଦିଲ୍ଲୀ,୨୮।୧୨(ଏଜେନ୍ସି): କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଫେବୃଆରୀରେ କାନାଡା ଗସ୍ତ କରିପାରନ୍ତି। ଏହି ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ପୁଣି ଆରମ୍ଭ ହୋଇପାରେ। ଗତ

**ଆଉଥରେ ହେବ ଆଲୋଚନା**
**ଶୁଳ୍କ ହ୍ରାସ ଏବଂ ଅଣ-ଶୁଳ୍କ ବାଧା ଦୂର ଉପରେ ଧ୍ୟାନ**

ସପ୍ତାହରେ, ଭାରତ ଏବଂ କାନାଡାର ମୁଖ୍ୟ ଆଲୋଚନାକାରୀମାନେ ଏକ ଭର୍ଚୁଆଲ୍ ବୈଠକରେ ପ୍ରସ୍ତାବିତ ବ୍ୟାପକ ଆର୍ଥିକ ସହଭାଗୀତା ଚୁକ୍ତିନାମା (ସିଇପିଏ) ଉପରେ ଆଗକୁ ବଢ଼ିବା ପାଇଁ ଆଲୋଚନା କରିଥିଲେ। ବୈଠକ ସମୟରେ, ଏକ ଏଜେଣ୍ଡା ସ୍ଥାପନ କରିବା ଏବଂ ଆଲୋଚନା ଉପରେ ଆଗକୁ ବଢ଼ିବା ପାଇଁ ଚିନ୍ତା କରାଯାଇଥିଲା। ଦୁଇ



ବର୍ଷରୁ ଅଧିକ ସମୟ ହେବ ଅଶାନ୍ତ ଦ୍ୱିପାକ୍ଷିକ ସମ୍ପର୍କ ପରେ, ଭାରତ ଏବଂ କାନାଡା ନଭେମ୍ବରରେ ଏକ ବ୍ୟାପକ ଢାଞ୍ଚା ଚୂଡ଼ାନ୍ତ କରିଥିଲେ। ଏକ ବ୍ୟାପକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ପୁଣି ଆରମ୍ଭ କରିବାକୁ ଉଭୟ ରାଷ୍ଟ୍ର ରାଜି ହୋଇଛନ୍ତି।

ବାଣିଜ୍ୟ ଚୁକ୍ତିନାମା ଆଲୋଚନା ପୁନର୍ବାର ଆରମ୍ଭ ହେବାର ସମ୍ଭାବନା ରହିଛି। ଏହା ଉପରେ ମତ ଦେଇ ତ ଜଣେ ଅଧିକାରୀ କହିଛନ୍ତି ଯେ ଉଭୟ ଦେଶ ଶୁଳ୍କ ହ୍ରାସ କରିବା ଏବଂ ଅଣ-ଶୁଳ୍କ ବାଧା ଦୂର କରିବା ଉପରେ ଧ୍ୟାନ ଦେବେ। ବୈଠକରେ କିପରି ନିବେଶ ବୃଦ୍ଧି କରିପାରିବେ ସେ ବିଷୟରେ ମଧ୍ୟ ଆଲୋଚନା ହୋଇପାରେ। ତଥାପି, ନିବେଶକମାନଙ୍କୁ ସୁରକ୍ଷା ଦେବା ପାଇଁ ବର୍ତ୍ତମାନ ସମୟରେ ଏକ ଦ୍ୱିପାକ୍ଷିକ ନିବେଶ ଚୁକ୍ତିନାମାକୁ ପ୍ରାଥମିକତା ଦିଆଯିବ ନାହିଁ। ଗତ ସପ୍ତାହରେ କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଥିଲେ, ଗତ ଦୁଇ ବର୍ଷ ମଧ୍ୟରେ ଦେଶ ପ୍ରଗତି କରିଛନ୍ତି। ବାଣିଜ୍ୟରେ ଅନେକ ଆହ୍ୱାନ ଆସୁଛି। ଆମେ କେଉଁଠାରେ ଅଟକିଗଲୁ, ତାହା ଉପରେ ଆମକୁ ଚିନ୍ତା କରିବାକୁ ପଡିବ।

୨୦୨୨ ମାର୍ଚ୍ଚରେ ଭାରତ ଏବଂ କାନାଡା ଆନୁଷ୍ଠାନିକ ଭାବରେ ଏକ ବ୍ୟାପକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ପୁଣି ଆରମ୍ଭ କରିଥିଲେ, ଯାହା ବାଣିଜ୍ୟ ଏବଂ ନିବେଶ ବୃଦ୍ଧି ପାଇଁ ନୂତନ ସୁଯୋଗ ଖୋଲିଥିଲା। ଭାରତ ଏବଂ କାନାଡା ମଧ୍ୟରେ ଆଲୋଚନା ଦୁଇ ବର୍ଷ ପୂର୍ବେ ସ୍ଥଗିତ ହୋଇଯାଇଥିଲା। ୨୦୨୩ ଜୁନରେ କାଶ୍ମୀରୀ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜରଙ୍କୁ ହତ୍ୟା କରାଯିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ନିମ୍ନ ସ୍ତରରେ ପହଞ୍ଚିଥିଲା। କାନାଡାର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ପରାମର୍ଶ ଦେଇଥିଲେ ଯେ ହତ୍ୟାକାଣ୍ଡରେ ଭାରତ ସହିତ ସମ୍ପର୍କ ଅଛି, ଯାହାକୁ ଭାରତ କଠୋର ଭାବରେ ଅସ୍ୱୀକାର କରିଥିଲା।

# ଝାରସୁଗୁଡାରେ କ୍ରୀଡାର ବିକାଶ ଘଟାଉଛି ବେଦାନ୍ତ

ଭୁବନେଶ୍ୱର, ୨୮।୧୨(ଏଜେନ୍ସି): ଝାରସୁଗୁଡାର ଗ୍ରାମ ଏବଂ ବିଦ୍ୟାଳୟଗୁଡ଼ିକରେ ତୃଣମୂଳ ସ୍ତରର ବିକାଶର ଏକ ଶକ୍ତିଶାଳୀ ବାହକ ଭାବରେ ଉଭା ହେଉଛି କ୍ରୀଡା। ବେଦାନ୍ତ ଝାରସୁଗୁଡାର ପିଲା ଏବଂ ଯୁବକମାନଙ୍କ ପାଇଁ ସଂଗଠିତ କ୍ରୀଡାର ପ୍ରବେଶକୁ ବିସ୍ତାର କରୁଛି। ସାମୁଦାୟିକ ସ୍ତରରେ ଏହା ଶାରୀରିକ ସୁସ୍ଥତା, ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସକୁ ସୁଦୃଢ଼ କରୁଛି। ଦଳଗତ ଏବଂ ବ୍ୟକ୍ତିଗତ କ୍ରୀଡା ଉଭୟରେ ବିନିଯୋଗ କରି, ବେଦାନ୍ତ ଝାରସୁଗୁଡା ଅନ୍ତର୍ଭୁକ୍ତ ପ୍ଲାଟଫର୍ମ ସୃଷ୍ଟି କରୁଛି ଯାହା





ଯୁବକମାନଙ୍କୁ ପ୍ରାରମ୍ଭିକ ଭାବରେ ଜଡିତ କରି ଏବ ଦୀର୍ଘକାଳୀନ ପ୍ରଭାବ ପ୍ରଦାନ କରୁଛି। ଗ୍ରାମଗୁଡ଼ିକୁ ଏକାଠି କରୁଥିବା ସାମୁଦାୟିକ କ୍ରିକେଟ ଟୁର୍ଣ୍ଣାମେଣ୍ଟଠାରୁ ଆରମ୍ଭ କରି ମାର୍ଶାଲ ଆର୍ଟ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ, ଏହି ପଦକ୍ଷେପଗୁଡ଼ିକ ତୃଣମୂଳ ସ୍ତରରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣୁଛି। ବେଦାନ୍ତ ଝାରସୁଗୁଡାର ସିଏସ୍‌ଆର-ନେତୃତ୍ୱାଧୀନ ଏନଗେଜମେଣ୍ଟ କାର୍ଯ୍ୟକ୍ରମଅଧୀନରେ ଜଜ କଲୋନି ଗ୍ରାଉଣ୍ଡରେ ଅନୁଷ୍ଠିତ୫ ଦିନିଆ ସାମୁଦାୟିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମୟରେ ଏହି ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା।

# ପ୍ରତିରକ୍ଷାରେ ୧.୮ ଲକ୍ଷ କୋଟି ନିବେଶ କରିବ ଆଦାନୀ ଗ୍ରୁପ

ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି): ଦେଶର ପ୍ରତିରକ୍ଷା କ୍ଷେତ୍ରରେ ବଡ଼ ଧରଣର ନିବେଶ କରିବ ଆଦାନୀ ଗ୍ରୁପ। ଗ୍ରୁପ୍ ଆସନ୍ତା ବର୍ଷ ପ୍ରତିରକ୍ଷା ଉତ୍ପାଦନରେ ୧.୮ ଲକ୍ଷ କୋଟି ନିବେଶ କରିବାକୁ ଯୋଜନା କରୁଛି। ଏହି ନିବେଶ ମାଧ୍ୟମରେ, କମ୍ପାନୀ ମାନବ ବିହୀନ ଏବଂ ସ୍ୱୟଂଚାଳିତ ପ୍ରଣାଳୀ, ଆଡଭାନ୍ସ ଗାଇଡେଡ୍ ଅସ୍ତ୍ରଶସ୍ତ୍ର ଏବଂ ଭବିଷ୍ୟତର ଯୁଦ୍ଧ ଆବଶ୍ୟକତା ଅନୁଯାୟୀ ଉତ୍ପାଦ ବିକାଶ ଉପରେ ଧ୍ୟାନ ଦେବ। ଏକ ରିପୋର୍ଟ ଅନୁଯାୟୀ, ୨୦୨୫ରେ ଆଦାନୀର ମିଲିଟାରୀ ହାର୍ଡୱେର୍ ଅପରେସନ୍ ସିନ୍ଦୂର ଭଳି ମିଶନରେ ବ୍ୟବହୃତ ହୋଇସାରିଛି। ଆଦାନୀ ଡିଫେନ୍ସ ଏବଂ ଏରୋସ୍ପେସ୍ ଆସନ୍ତା ବର୍ଷ ଏଆଇ-ସକ୍ଷମ ମଲ୍ଟି-ଡୋମେନ୍ ଅପରେସନ୍, ସେନ୍ସର ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ବଡ଼ ପରିମାଣର ଏମ୍‌ଆରଓ (ରକ୍ଷଣାବେକ୍ଷଣ, ମରାମତି ଏବଂ ଓଭରହାଲ୍) ତାଲିମ ଭିତ୍ତିଭୂମିରେ ନିବେଶ କରିବ।

# ମାଲାବାର ଗୋଲ୍ଡରେ ମାଇନ୍ ଡାଏମଣ୍ଡ ଫେଷ୍ଟିଭାଲ

ଭୁବନେଶ୍ୱର,୨୮।୧୨(ସମିସ): ମାଲାବାର ଗୋଲ୍ଡ ଏଣ୍ଡ ଡାଏମଣ୍ଡସ୍ ପକ୍ଷରୁ 'ମାଇନ୍ ଡାଏମଣ୍ଡ ଫେଷ୍ଟିଭାଲ' ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତମାସ ୨୦ରୁ ଆରମ୍ଭ ହୋଇଥିବା ଏହି ଫେଷ୍ଟିଭାଲ ୨୦୨୬ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଫେଷ୍ଟିଭାଲରେ ମାଲାବାରର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ମାଇନ୍ ଡାଏମଣ୍ଡର ପ୍ରମାଣୀକୃତ ନାଚୁରାଲ ଡାଏମଣ୍ଡ ଜୁଏଲାରୀଗୁଡିକୁ ପ୍ରଦର୍ଶନ କରାଯାଇଛି। ଏହି ମାଇନ୍ ଡାଏମଣ୍ଡ ଫେଷ୍ଟିଭାଲ ସମୟରେ ଗ୍ରାହକମାନେ ଡାଏମଣ୍ଡର ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିଆତି ପାଇପାରିବେ। ଏହାଛଡା ଫେଷ୍ଟିଭାଲରେ ପ୍ରଥମ ଥର ପାଇଁ ଡାଏମଣ୍ଡ କ୍ରେତା ସେମାନଙ୍କର କଲେକସନ୍‌ଗୁଡିକୁ





**ଡାଏମଣ୍ଡର ମୂଲ୍ୟ ଉପରେ ୩୦% ଯାଏ ରିଆତି**

ଅପ୍‌ଗ୍ରେଡ୍ ମଧ୍ୟ କରିପାରିବେ। ଏ ସମ୍ପର୍କରେ ମାଲାବାର ଗୋଲ୍ଡ ଏଣ୍ଡ ଡାଏମଣ୍ଡସ୍‌ର ଅଧକ୍ଷ ଏମ୍. ପି ଅହମ୍ମଦ କହିଛନ୍ତି ଯେ, ବର୍ତ୍ତମାନର ଗ୍ରାକହମାନେ ନାଚୁରାଲ ଡାଏମଣ୍ଡ ଚାହୁଁଛନ୍ତି, ଯାହା ସେମାନଙ୍କର ଦୈନନ୍ଦିନ ଚଳଣି ସହ ଫିଟ୍ ହେବା ସହ ପ୍ରମାଣୀକରଣ ଏବଂ ମୂଲ୍ୟର ଉପଯୁକ୍ତ ସ୍ୱଚ୍ଛତା ଦର୍ଶାଉଥିବ। ମାଇନ୍ ଡାଏମଣ୍ଡସ ନାଚୁରାଲ ଡାଏମଣ୍ଡର ସେହି ଆସ୍ଥା ଉପରେ ନିର୍ମିତ ବୋଲି ସେ କହିଛନ୍ତି।

**ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି**

# ସପ୍ତାହକରେ ସୁନା ଭଣ୍ଡାର ୨.୬୨ ବିଲିୟନ ଡଲାର ବଢ଼ିଲା

ମୁମ୍ବଇ,୨୮।୧୨(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କର ସଦ୍ୟତମ ତଥ୍ୟ ଅନୁଯାୟୀ ଭାରତର ଆର୍ଥିକ ସ୍ୱାସ୍ଥ୍ୟକୁ ଏକ ବଡ଼ ଗତି ମିଳିଛି। ଡିସେମ୍ବର ମଧ୍ୟଭାଗରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ଦ୍ରୁତ ବୃଦ୍ଧି ଘଟିଛି। ଡିସେମ୍ବର ୧୯ ରେ ଶେଷ ହୋଇଥିବା ସପ୍ତାହରେ ଭାରତ ବୈଦେଶିକ ମୁଦ୍ରା ଭଣ୍ଡାରରେ ୪.୩୬୮ ବିଲିୟନ୍ ଡଲାର ବୃଦ୍ଧି ଘଟି ୬୯୩.୩୧୮ ବିଲିୟନ୍ ଡଲାରରେ ପହଞ୍ଚିଛି। ତେବେ ଏହି ସମୟରେ ଦେଶର ସୁନା ଭଣ୍ଡାର ରେ ୨.୬୨ ବିଲିୟନ ଡଲାର ବୃଦ୍ଧି ଘଟି ୧୧୦.୩୬୫ ବିଲିୟନ୍ ଡଲାରରେ ପହଞ୍ଚିଛି। ଏହି ବୃଦ୍ଧି ସୂଚାଇ ଦିଏ ଯେ ବିଶ୍ୱସ୍ତରୀୟ ଅସ୍ଥିରତା ସତ୍ତ୍ୱେ, ଭାରତର ଆର୍ଥିକ ସ୍ଥିତି ଦୃଢ଼ ରହିଛି ଏବଂ ଦେଶ ଯେକୌଣସି ବାହ୍ୟ ଚାପକୁ ସହ୍ୟ କରିବାକୁ ସକ୍ଷମ। ଏହି ସମୟରେ, ବୈଦେଶିକ ମୁଦ୍ରା





ସଂରକ୍ଷଣ ବୃଦ୍ଧିର ସବୁଠାରୁ ବଡ଼ କାରଣ ଥିଲା ସୁନା ମୂଲ୍ୟରେ ବୃଦ୍ଧି। ଅନ୍ତର୍ଜାତୀୟ ବଜାରରେ ସୁନାର ପ୍ରବଳ ଚାହିଦା ଏବଂ ବୃଦ୍ଧି ପାଉଥିବା ମୂଲ୍ୟ ଭାରତର ସୁନା ସଂରକ୍ଷଣର ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିଛି। ବର୍ତ୍ତମାନର ବିଶ୍ୱ ଅନିଶ୍ଚିତତାର ଯୁଗରେ ନିବେଶକମାନେ ସୁନାକୁ ଏକ ସୁରକ୍ଷିତ ନିବେଶ ଭାବରେ ବିବେଚନା କରୁଛନ୍ତି, ଯାହା ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରକୁ ସିଧାସଳଖ ଲାଭ ଦେଇଛି।

ଭାରତର ବୈଦେଶିକ ମୁଦ୍ରା ସଂରକ୍ଷଣରେ କେବଳ ଡଲାର ନୁହେଁ, ବରଂ ୟୁରୋ, ପାଉଣ୍ଡ ଏବଂ ଜାପାନୀ ୟେନ ଭଳି ଅନ୍ୟାନ୍ୟ ମୁଦ୍ରା ମଧ୍ୟ ଅନ୍ତର୍ଭୁକ୍ତ। ଏହି ମୁଦ୍ରା ବିରୁଦ୍ଧରେ ଡଲାରର ଉତ୍ଥାନ-ପତନ ବିଦେଶୀ ମୁଦ୍ରା ସମ୍ପତ୍ତିର ମୂଲ୍ୟକୁ ପ୍ରଭାବିତ କରେ। ଏହି କାରଣରୁ ଭଣ୍ଡାର ବୃଦ୍ଧି ପାଇଛି। ଏହା ସହିତ, ଭାରତର ସଂରକ୍ଷଣ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ସହିତ ଏହାର ଅଧିକାର ମଧ୍ୟ ସାମାନ୍ୟ ସୁଦୃଢ଼ ହୋଇଛି। ଆରବିଆଇ କହିଛି ଯେ ବର୍ତ୍ତମାନର ବିଦେଶୀ ମୁଦ୍ରା ସଂରକ୍ଷଣ ୧୧ ମାସରୁ ଅଧିକ ସମୟ ପାଇଁ ଆମଦାନୀ ଖର୍ଚ୍ଚକୁ ପୂରଣ କରିବା ପାଇଁ ଯଥେଷ୍ଟ।

**ନୂଆ ବର୍ଷରୁ ନୂଆ ନିୟମ**

# ଆଧାର-ପାନ୍‌ଠାରୁ ଗାଡ଼ି ମୂଲ୍ୟ ଯାଏ ହେବ ପରିବର୍ତ୍ତନ

ନୂଆଦିଲ୍ଲୀ,୨୮।୧୨(ଏଜେନ୍ସି): ୨୦୨୬ ଜାନୁଆରୀ ପହିଲୁରୁ ନୂତନ ବର୍ଷ ଆରମ୍ଭ ହେବା ସହିତ, ଦେଶରେ କିଛି ନୂତନ ନିୟମ ଏବଂ ପରିବର୍ତ୍ତନ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ନୂତନ ପରିବର୍ତ୍ତନଗୁଡ଼ିକ ସିଧାସଳଖ ସାଧାରଣ ଲୋକଙ୍କ ପକେଟ୍ ଉପରେ ପ୍ରଭାବ ପକାଇବ। ଏହି ନୂତନ ନିୟମ ଏବଂ ପରିବର୍ତ୍ତନଗୁଡିକ ହେଉଛି...

### ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ

୨୦୨୬ ଜାନୁଆରୀ ପହିଲାରୁ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ପରିବର୍ତ୍ତନ ହେବାକୁ ଯାଉଛି। ଶେଷ ଥର ପାଇଁ, ଡିସେମ୍ବର ପହିଲା ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୦ ଟଙ୍କା ହ୍ରାସ କରାଯାଇଥିଲା। ହେଲେ ଏଥର ଏଲ୍‌ପିଜି ଦରରେ କ'ଣ ହେଉଛି ତାହା ଦେଖିବାକୁ ବାକି ଅଛି। ଏଲ୍‌ପିଜି ସିଲିଣ୍ଡର ପରି ତୈଳ କମ୍ପାନୀଗୁଡ଼ିକ ପ୍ରତି ମାସରେ ସିଏନ୍‌ଜି, ପିଏନ୍‌ଜି ଏବଂ ଏଟିଏଫ୍ (ବିମାନ ଟର୍ବାଇନ୍ ଇନ୍ଧନ) ମୂଲ୍ୟ ସଂଶୋଧନ



କରିଥାନ୍ତି। ତେଣ ଜାନୁଆରୀ ପହିଲାରୁ ସିଏନ୍‌ଜି, ପିଏନ୍‌ଜି ଏବଂ ଏଟିଏଫ୍‌ର ନୂତନ ମୂଲ୍ୟ କାର୍ଯ୍ୟକାରୀ ହେବ।

### ଆଧାର-ପାନ୍ ଲିଙ୍କ୍

ସରକାର ସମସ୍ତ ବ୍ୟକ୍ତିଙ୍କ ପାଇଁ ଆଧାର-ପାନ୍ ଲିଙ୍କିଂକୁ ବାଧ୍ୟତାମୂଳକ କରିଛନ୍ତି। ଆଧାର-ପାନ୍ ଲିଙ୍କ୍ କରିବାର ଶେଷ ତାରିଖ ଡିସେମ୍ବର ୩୧ ରହିଛି। ଯେଉଁମାନେ ଡିସେମ୍ବର ୩୧ ସୁଦ୍ଧା ସେମାନଙ୍କର ଆଧାର ଏବଂ ପାନ୍ ଲିଙ୍କ୍ କରିବେ ନାହିଁ ସେମାନଙ୍କର ପାନ୍ କାର୍ଡ ଜାନୁଆରୀ ପହିଲାରୁ ନିଷ୍କ୍ରିୟ ହୋଇଯିବ। ଜାନୁଆରୀ ୧ ପରେ ଲୋକମାନଙ୍କୁ ସେମାନଙ୍କର ପ୍ୟାପାନ୍ ଏବଂ ଆଧାର ଲିଙ୍କ୍ କରିବା ପାଇଁ ଜରିମାନା ଦେବାକୁ ପଡିବ।

### ଯାନବାହାନ ମୂଲ୍ୟ ବଢ଼ିବ

ନୂତନ ବର୍ଷ ଆରମ୍ଭରୁ, ଅର୍ଥାତ୍ ଜାନୁଆରୀ ପହିଲାରୁ ଅନେକ ଅଟୋମୋବାଇଲ କମ୍ପାନୀ ସେମାନଙ୍କ ଯାନର ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରେ ନିସାନ୍, ବିଏମ୍‌ଡବ୍ଲ୍ୟୁ, ଜେଏସଡବ୍ଲ୍ୟୁ ଏମ୍‌ଜି ମୋଟର ଏବଂ ରେନୋ ଭଳି କମ୍ପାନୀ ରହିଛନ୍ତି। ଅନ୍ୟାନ୍ୟ କାର୍ ନିର୍ମାତାମାନେ ମଧ୍ୟ ନୂଆ ବର୍ଷରୁ ସେମାନଙ୍କ ଯାନର ମୂଲ୍ୟ ବୃଦ୍ଧି କରିପାରନ୍ତି।

